# NATIONAL NEWS BULLETIN (ODIA)
## 10 March - 2025
## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ତିନି ଦିନିଆ ହରିଆଣା, ଚଣ୍ଡିଗଡ଼ ଓ ପଞ୍ଜାବ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ମରିସସ୍‌କୁ ଆସନ୍ତାକାଲିଠାରୁ ଦୁଇ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ସଂସଦ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠୁ ଆରମ୍ଭ ।
- ମୁକ୍ତ ବାଣିଜ୍ୟ ଚୁକ୍ତି ଲକ୍ଷ୍ୟ ନେଇ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବ୍ରସେଲ୍ସ ଠାରେ ଆଜିଠାରୁ ଆରମ୍ଭ ହେବ ଦଶମ ପର୍ଯ୍ୟାୟ ଆଲୋଚନା ।

ଏବଂ

- ତୃତୀୟଥର ପାଇଁ ଆଇ.ସି.ସି. ପୁରୁଷ କ୍ରିକେଟ୍ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କଲା ଭାରତ ।

## ପ୍ରେସିଡେଣ୍ଟ– ହରିୟାଣା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ ହରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବ ଗସ୍ତରେ ଯିବେ । ରାଷ୍ଟ୍ରପତି ଆଜି ହିସାର ସ୍ଥିତ ଗୁରୁ ଜାମ୍ଭେଶ୍ୱର ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ସେ ବ୍ରହ୍ମକୁମାରୀ ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ‘ସାମଗ୍ରୀକ କଲ୍ୟାଣ ପାଇଁ ଆଧ୍ୟାତ୍ମିକ ଶିକ୍ଷା’ର ଶୁଭାରମ୍ଭ କରିବେ ।

ରାଷ୍ଟ୍ରପତି ଆସନ୍ତାକାଲି ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଭଟିଣ୍ଡାସ୍ଥିତ ଏମ୍ସ’ର ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସନ୍ଧ୍ୟାରେ ସେ ମୋହାଲିଠାରେ ପଞ୍ଜାବ ସରକାରଙ୍କ ଦ୍ୱାରା ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେବେ । ଆସନ୍ତା ବୁଧବାର ଦିନ ରାଷ୍ଟ୍ରପତି ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବେ ।

## ପିଏମ୍–ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯିବେ । ସେଠାରେ ମରିସସ୍ ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରକଳ୍ପର

ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୨୦୧୫ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ପ୍ରଥମ ମରିସସ୍ ଗସ୍ତ । ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ସିଭିଲ୍ ସର୍ଭିସ୍ କଲେଜ୍, ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ଗୁଡ଼ିକ ଭାରତର ଆର୍ଥିକ ସହାୟତାରେ ସେଠାରେ ନିର୍ମାଣ କରାଯାଇଛି । ମରିସସ୍‌ରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ଅନୁରାଗ ଶ୍ରୀବାସ୍ତବ ଆକାଶବାଣୀ ସମ୍ବାଦ ସହ କଥାବାର୍ତ୍ତାରେ କହିଛନ୍ତି, ଭାରତ ଓ ମରିସସ୍ ମଧ୍ୟରେ ସୁଦୃଢ଼, ଗତିଶୀଳ ଦ୍ୱିପାକ୍ଷିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମରିସସ୍ ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ନୂତନ ମାର୍ଗ ଉନ୍ମୋଚନ କରିବାର ଆଶା କରାଯାଇଛି ।

## ପାର୍ଲ୍ୟାମେଣ୍ଟ- ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେଉଛି। ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୨୦ଟି ବୈଠକ ବସିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ମଣିପୁର ପାଇଁ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

ଗତ ମାସରେ ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂହଙ୍କ ଇସ୍ତଫା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବାରୁ ଅର୍ଥମନ୍ତ୍ରୀ ଗୃହରେ ମଣିପୁର ପାଇଁ ବଜେଟ୍ ଉପସ୍ଥାପନ କରିବେ ।

ଅଧିବେଶନରେ ୨୦୨୫-୨୬ ବର୍ଷ ପାଇଁ ଅନୁଦାନ ଦାବି ଏବଂ ଆନୁସଙ୍ଗିକ ବ୍ୟୟମଞ୍ଜୁରୀ ବିଲ୍ ଉପରେ ଆଲୋଚନା ଓ ମତଦାନ ହେବ। ଏହା ବ୍ୟତୀତ ବ୍ୟାଙ୍କିଙ୍ଗ ଆଇନ (ସଂଶୋଧନ) ବିଲ୍, କୋଷ୍ଟାଲ ସିପିଂ ବିଲ୍- ୨୦୨୪, ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ବିଲ୍ ୨୦୨୫ ଏବଂ ରେଳବାଇ (ସଂଶୋଧନ) ବିଲ୍ ସମେତ ଅନ୍ୟ କେତେଗୁଡ଼ିଏ ବିଲ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

ସଂସଦର ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ଫେବୃଆରୀ ମାସ ୧ ତାରିଖରେ ବଜେଟ୍ ଉପସ୍ଥାପନ କରିଥିଲେ। ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିଥିଲେ। ୱାକ୍ଫ

(ସଂଶୋଧନ) ବିଲ୍-୨୦୨୪ ଉପରେ ଯୁଗ୍ମ କମିଟିର ରିପୋର୍ଟ ମଧ୍ୟ ଲୋକସଭାରେ ଏହି ପର୍ଯ୍ୟାୟରେ ଉପସ୍ଥାପିତ ହୋଇଥିଲା ।

## ଡବ୍ଲ୍ୟୁସିଡି ମିନିଷ୍ଟର ୟୁଏନ୍ ଭିଜିଟ୍

ମହିଳା ସ୍ଥିତି ଆୟୋଗ ସି.ଏସ୍.ଡବ୍ଲୁ.ର ୬୯ତମ ଅଧିବେଶନ ଆଜି ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଆରମ୍ଭ ହେଉଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳ ଏଥିରେ ଅଂଶଗ୍ରହଣ କରିବେ । ଏହି ଅଧିବେଶନରେ ମନ୍ତ୍ରୀ ତାଙ୍କର ଭାଷଣ ପ୍ରଦାନ କରିବା ସହ ମନ୍ତ୍ରୀସ୍ତରୀୟ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମହିଳାଙ୍କର ସାମଗ୍ରୀକ ବିକାଶ ଏବଂ ସଶକ୍ତିକରଣ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ତଥ୍ୟ ଉପସ୍ଥାପନ କରିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମହିଳା ଏବଂ ବାଳିକା ସଶକ୍ତିକରଣ ଉପରେ ପର୍ଯ୍ୟବେଶିତ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ବୈଠକରେ ମନ୍ତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ସି.ଏସ୍.ଡବ୍ଲ୍ୟୁ. ହେଉଛି ଲିଙ୍ଗଗତ ସମାନତା, ଅଧିକାର ଏବଂ ମହିଳା ସଶକ୍ତିକରଣ ଉପରେ ଆଧାରିତ ଏକ

ବୈଶ୍ୱିକ ଆନ୍ତଃ ସରକାରୀ ସଂସ୍ଥା । ଏହି ଅଧିବେଶନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଇଣ୍ଡିଆ-ଇୟୁ ବାଣିଜ୍ୟ ଚୁକ୍ତି

ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି ଲକ୍ଷ୍ୟ ନେଇ ଭାରତ ଏବଂ ୨୭ ରାଷ୍ଟ୍ର ବିଶିଷ୍ଟ ୟୁରୋପୀୟ ସଂଘ ମଧ୍ୟରେ ଦଶମ ପର୍ଯ୍ୟାୟ ଆଲୋଚନା ଆଜିଠାରୁ ବ୍ରସେଲ୍ସ ଠାରେ ଆରମ୍ଭ ହେବ । ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସମାଧାନର ମାର୍ଗ ବାହାର କରିବା ଏହି ଆଲୋଚନା ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଶେଷ ସୁଦ୍ଧା ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ନେଇ ଲକ୍ଷ୍ୟ ରଖାଯାଇଛି । ୟୁରୋପୀୟ ସଂଘର ବାଣିଜ୍ୟ ଓ ଅର୍ଥନୈତିକ ନିରାପତ୍ତା କମିଶନର ମାରୋସ୍ ସେପ୍‌କୋଭିକ୍ କହିଛନ୍ତି, ଉଭୟ ପକ୍ଷ ଏକ ସନ୍ତୁଳିତ ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଲାଭଦାୟକ ବାଣିଜ୍ୟ ଚୁକ୍ତି ପାଇଁ ପ୍ରୟାସ କରୁଛନ୍ତି ।

ସୂଚନା ଯୋଗ୍ୟ ଆମେରିକା ପ୍ରଶାସନର ନୂତନ ଶୁଳ୍କ ନୀତି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ ଆୟୋଗର ସଭାପତି ଉର୍ଷୁଲା ଭନ୍ ଡେର୍ ଲେୟେନ୍ ଗତମାସରେ ଭାରତ ଓ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଚଳିତ ବର୍ଷ ଶେଷ ସୁଦ୍ଧା ଚୂଡ଼ାନ୍ତ କରିବା ଲାଗି ସହମତ ହୋଇଥିଲେ ।

# ଇଣ୍ଡିଆ- କିର୍ଗିସ୍ତାନ

ଭାରତ-କିର୍ଗିଜସ୍ତାନ ମିଳିତ ସ୍ୱତନ୍ତ୍ର ବାହିନୀ ଅଭ୍ୟାସ 'ଖାନ୍‌ଜାର-ଦ୍ୱାଦଶ ସଂସ୍କରଣ' କିର୍ଗିଜ୍‌ସ୍ତାନ ଠାରେ ଆଜିଠାରୁ ଆରମ୍ଭ ହେବ। ୧୪ ଦିନ ଧରି ଚାଲିବାକୁ ଥିବା ଏହି ମିଳିତ ଅଭ୍ୟାସ ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ ହେବ। ସହରାଞ୍ଚଳ ଏବଂ ପାହାଡ଼ିଆ ଅଞ୍ଚଳରେ ଆତଙ୍କବାଦ ମୁକାବିଲା, ସ୍ୱତନ୍ତ୍ର ବାହିନୀ ଅଭିଯାନରେ ଅଭିଜ୍ଞତା ହାସଲ କରିବା ଏହି ଅଭ୍ୟାସର ମୂଳଉଦ୍ଦେଶ୍ୟ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଅଭ୍ୟାସରେ ସ୍ନାଇପିଂ, ଜଟିଳ ନିର୍ମାଣ ହସ୍ତକ୍ଷେପ ଏବଂ ପର୍ବତ କୌଶଳର ଉନ୍ନତ ସ୍ୱତନ୍ତ୍ର ବାହିନୀ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବ। ଏହା ଦ୍ୱାରା ଅନ୍ତର୍ଜାତୀୟ ଆତଙ୍କବାଦ ଓ ଉଗ୍ରବାଦର ସମାଧାନ କରିବା ସହିତ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷଙ୍କୁ ସୁଯୋଗ ମିଳିବ। ଏହି ଅଭ୍ୟାସ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଓ କିର୍ଗିଜସ୍ତାନ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଛନ୍ତି।

୨୦୧୧ରେ ଏହାର ପ୍ରତିଷ୍ଠା ପରଠାରୁ ଅଭିଯାନ 'ଖାନ୍‌ଜାର ଦ୍ୱାଦଶ' ବାର୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିକଶିତ ହୋଇଛି। ଗତ ବର୍ଷ ଜାନୁଆରୀ ମାସରେ ଭାରତରେ ଏହି ଅଭ୍ୟାସର ଶେଷ ସଂସ୍କରଣ ଅନୁଷ୍ଠିତ ହୋଇଥିଲା।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଆର୍ଥିକ ଠକେଇ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶକ ନିଶାନ୍ତ କୁମାର ଏବଂ ଦିଲ୍ଲୀ ପୁଲିସ୍ ସ୍ୱତନ୍ତ୍ର ସେଲ୍‌ର ଯୁଗ୍ମ କମିଶନର ରଜନିଶ ଗୁପ୍ତା ଏହି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି

ଭାରତ ଆଇ.ସି.ସି. ପୁରୁଷ କ୍ରିକେଟ୍ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କରିଛି । ଦୁବାଇର ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଗତକାଲି ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କରି ଭାରତ ଏହି ସଫଳତା ହାସଲ କରିଛି ।

ଚାମ୍ପିୟନ୍ସ ଟ୍ରଫିର ଏହି ନବମ ସଂସ୍କରଣକୁ ଜିତିବା ସହ ଭାରତ ଏହି ପ୍ରତିଯୋଗିତାରେ ତୃତୀୟଥର ପାଇଁ ଟାଇଟଲ ହାସଲ କରିଛି । ପୂର୍ବରୁ ୨୦୦୨ରେ ଶ୍ରୀଲଙ୍କା ସହ ଯୁଗ୍ମ ଭାବେ ଏବଂ ଇଂଲଣ୍ଡକୁ ହରାଇ ୨୦୧୩ରେ ଚାମ୍ପିୟନ୍ ହୋଇଥିଲା । ଗତକାଲିର ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ବିନିମୟରେ ୨୫୧ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମିଚେଲ୍ ସର୍ବାଧିକ ୬୩ରନ୍ ଏବଂ ବ୍ରେସ୍‌ୱେଲ୍ ଅପରାଜିତ ୫୩ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ଭାରତ ୪୯ ଓଭରରେ ୬ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ରୋହିତ ଶର୍ମା ସର୍ବାଧିକ ୭୬ରନ୍ ସଂଗ୍ରହ କରିଥିବା ବେଳେ ଶ୍ରେୟସ୍ ଆୟର୍ ୪୮ ଏବଂ କେ.ଏଲ୍. ରାହୁଲ ୩୪ରନ୍ କରିଥିଲେ । ରୋହିତ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ରଚିନ୍ ରବିନ୍ଦ୍ରନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଘୋଷଣା କରାଯାଇଛି ।

## କ୍ରିକେଟ୍ ଟିମ୍ ମେସେଜେସ୍

ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଏହି ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ମୁର୍ମୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏହି ଟ୍ରଫିକୁ

ତୃତୀୟଥର ପାଇଁ ହାସଲ କରିବାରେ ଭାରତର ବିଶ୍ୱର ପ୍ରଥମ ରାଷ୍ଟ୍ର ହୋଇଛି । ଏହି ସଫଳତା ପାଇଁ ପ୍ରତ୍ୟେକ ଖେଳାଳି ଏବଂ ଦଳ ସହ ସଂଶ୍ଳିଷ୍ଟ ପ୍ରତ୍ୟେକ ଷ୍ଟାଫ୍ ପ୍ରଶଂସାର ପାତ୍ର ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହା ଏକ ଅବିଶ୍ୱସନୀୟ ସଫଳତା । ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏହି ସଫଳତା ଐତିହାସିକ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ଦଳର ଖେଳାଳି ଏବଂ ସପୋର୍ଟିଂ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ମନ୍ତ୍ରୀ ଜେ.ପି. ନଡ୍ଡା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମନ୍ତ୍ରୀ ଜୀତେନ୍ଦ୍ର ସିଂହଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟା ସଦସ୍ୟ, କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।